**ଖୋର୍ଦ୍ଧା: ୭୦ କରୋନା ପଜିଟିଭ୍**

ଖୋର୍ଦ୍ଧା ଅଫିସ,୪।୮: ଖୋର୍ଦ୍ଧା ଜିଲା(ବିଏମ୍‌ସିକୁ ବାଦ୍ ଦେଇ)ରେ ମଙ୍ଗଳବାର ୭୦ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରୁ ୧୫, ଜଟଣୀର ୧୮, ବାଣପୁରର ୧୨, ବାଲୁଗାଁରୁ ୫, ଟାଙ୍ଗୀରୁ ୩, ବେଗୁନିଆରୁ ୩, ମେଣ୍ଢାଶାଳରୁ ୯, ବାଳକାଟୀରୁ ୩ ଏବଂ ବାଲିପାଟଣାରୁ ୨ଜଣ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪୩୯ରେ ପହଞ୍ଚିଛି। ଅନ୍ୟପଟେ ଜିଲାରେ ୪୬୭ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଟକସଦର,୪।୮(ଡି.ଏନ୍.ଏ.): ୪୨ମୌଜା ଫାଣ୍ଡି ଅଧୀନ ଅଞ୍ଚଳରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଉଦ୍ଧାର କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସାମାଜିକ କର୍ମୀ ତଥା ଜାଗରଣ ମଞ୍ଚର ସଭାପତି ହିମାଂଶୁ ଦାସ(୫୪)। ପୋଲିସ ମୃତଦେହକୁ କଟକ ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୨୭/୨୦)ରେ ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୋମବାର ରାତିରେ ହିମାଂଶୁ ଖାଇସାରି ଘରେ ଶୋଇଯାଇଥିଲେ। ସକାଳେ ପରିବାର ଲୋକେ ହିମାଂଶୁଙ୍କୁ ଖୋଜି ନ ପାଇବାରୁ ବାହାରକୁ ଦେଖିବାବେଳେ ଘର ନିକଟ ଏକ ଗଛରେ ହିମାଂଶୁ ବେକରେ ରଶି ଲଗାଇ ଝୁଲୁଥିବା ଦେଖି ପୋଲିସକୁ ଜଣାଇଥିଲେ। ତେବେ ହିମାଂଶୁଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ।

### ଆକ୍ରମଣ କରି ଲୁଟ୍ ଘଟଣା, ୩ ଗିରଫ

ଭୁବନେଶ୍ୱର,୪।୮(ବ୍ୟୁରୋ): ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଟ୍ରାଫିକ ଛକ ନିକଟରେ ଜଣେ ସ୍କୁଟି ଚାଳକଙ୍କୁ କଟୁରିରେ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଲୁଟି ନେବା ଘଟଣାରେ ମଙ୍ଗଳବାର ଖାରବେଳନଗର ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ବଡମ୍ବା ଅଞ୍ଚଳର ସଞ୍ଜି ବେହେରା ଓରଫ ସଞ୍ଜି, ୟୁନିଟ ୩ ମସ୍‌ଜିଦ୍ କଲୋନୀ ଅଞ୍ଚଳର ରଞ୍ଜନ ଶତପଥୀ ଓରଫ ବଣ୍ଟି ଏବଂ ଖାରବେଳନଗର ଅଞ୍ଚଳର ଚନ୍ଦନ କୁମାର ପ୍ରଧାନ ଓରଫ ଜିତୁ। ସୂଚନା ମୁତାବକ, ପଳାଶପଲ୍ଲୀ ଅଞ୍ଚଳର ଆଲୋକ ସ୍ୱାଇଁ ଗତ ୨୭ତାରିଖ ଭୋରୁ ଜଣେ ସମ୍ପର୍କୀୟଙ୍କୁ ରେଳ ଷ୍ଟେଶନରେ ଛାଡ଼ି ଫେରୁଥିଲେ। ଏହି ସମୟରେ ଏକ ବାଇକରେ ୩ଜଣ ଯୁବକ ତାଙ୍କୁ ପିଛା କରି ରବୀନ୍ଦ୍ର ମଣ୍ଡପ ଟ୍ରାଫିକ ଛକ ନିକଟରେ ଅଟକାଇ କଟୁରିରେ ଆକ୍ରମଣ କରି ତାଙ୍କ ମୋବାଇଲ ଫୋନ୍ ସମେତ ୮ଶହ ଟଙ୍କା ଛଡ଼ାଇ ନେଇଥିଲେ। ଏ ନେଇ ଥାନାରେ ଆଲୋକଙ୍କ ଭଉଣୀ କିରଣବାଳା ସ୍ୱାଇଁ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଚୋରି ମୋବାଇଲ ଫୋନକୁ ଟ୍ରାକ କରି ପୋଲିସ ପ୍ରଥମେ ଅଭିଯୁକ୍ତ ଚନ୍ଦନଙ୍କୁ ମଙ୍ଗଳବାର ଗିରଫ କରିବା ସହ ମୋବାଇଲ ଫୋନ୍ ଜବତ କରିଥିଲା। ତାଙ୍କୁ ପଚରାଉଚରା କରି ତଥ୍ୟ ହାସଲ ପରେ ଅନ୍ୟ ଅଭିଯୁକ୍ତଙ୍କୁ ଧରିଥିଲା।

### ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ନାରାୟଣଙ୍କ ପରଲୋକ

ପୁରୀ ଅଫିସ,୪।୮: ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ନାରାୟଣ ମହାରଣାଙ୍କ ୭୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ହେଲା ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ମଙ୍ଗଳବାର ଅପରାହ୍ନରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ଘଟିଛି। ପରେ ମରଶରୀରକୁ ତାଙ୍କ ବାଲିସାହିସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ବହୁ ଅନୁଷ୍ଠାନ ଶିଳ୍ପୀ, ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବାବେଳେ ପୁଅ ଚିତ୍ତରଞ୍ଜନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର, ଓଡ଼ିଶା ଐତିହ୍ୟ ସଂରକ୍ଷଣ ପରିଷଦ ସମ୍ପାଦକ ଦେବୀପ୍ରସନ୍ନ ନନ୍ଦ, ପଟ୍ଟଚିତ୍ର ସେଣ୍ଟରର ପ୍ରତିଷ୍ଠାତା ସରୋଜ କୁମାର ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ୪ ଦିନ ଅଚଳ ଆର୍‌ଏମ୍‌ଏସ୍

ଭୁବନେଶ୍ୱର,୪।୮(ବ୍ୟୁରୋ)



ଭୁବନେଶ୍ୱର ରେଳ ଷ୍ଟେଶନ ନିକଟସ୍ଥ ଆର୍‌ଏମ୍‌ଏସ୍ କାର୍ଯ୍ୟାଳୟ ଗେଟ୍‌ରେ ଲାଗିଥିବା ସର୍ଭର୍ ଅଣ୍ଡର୍ ମେଣ୍ଟେନାନ୍ସ ସମ୍ପର୍କିତ ପୋଷ୍ଟର।

- କାମ କରୁ ନ ଥିଲା ସର୍ଭର, ବହୁ ସେବା ବାଧାପ୍ରାପ୍ତ
- ସମସ୍ୟାର ସମାଧାନ ହୋଇସାରିଛି: ନିର୍ଦ୍ଦେଶକ

କମ୍ ସମୟରେ ଡାକ ସେବା ଯୋଗାଇଦେବା ପାଇଁ ସ୍ପିଡ୍ ପୋଷ୍ଟ ସୁବିଧା ରହିଛି। ହେଲେ ଭୁବନେଶ୍ୱରରେ ଗତ ଶନିବାରଠାରୁ ଏହି ସେବାରେ ବ୍ୟାହତ ସୃଷ୍ଟି ହୋଇଛି। ସ୍ଥାନୀୟ ରେଲୱେ ମେଲ୍ ସର୍ଭିସ୍(ଆର୍‌ଏମ୍‌ଏସ୍) କାର୍ଯ୍ୟାଳୟରେ ଏହି ଅବ୍ୟବସ୍ଥା ଦେଖାଦେଇଛି। ଫଳରେ ଭୁବନେଶ୍ୱରର ବିଭିନ୍ନ ପୋଷ୍ଟ ଅଫିସ୍‌ରେ କରାଯାଇଥିବା ସ୍ପିଡ୍ ପୋଷ୍ଟଗୁଡ଼ିକ ନିର୍ଦ୍ଧାରିତ ସମୟରେ ତା'ର ଠିକଣାସ୍ଥଳରେ ପହଞ୍ଚିବାରେ ସନ୍ଦେହ ସୃଷ୍ଟି ହୋଇଛି। ଯାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଅଧିକାଂଶ ସ୍ପିଡ୍ ପୋଷ୍ଟ ପାର୍ସଲ୍ ଭାରତୀୟ ରେଳପଥ ଦ୍ୱାରା କରାଯାଇଥାଏ। ଏଣୁ ରେଳ ଷ୍ଟେଶନ ନିକଟରେ ୨୪ ଘଣ୍ଟିଆ ଆର୍‌ଏମ୍‌ଏସ୍ ବ୍ୟବସ୍ଥା ରହିଛି। ଅନ୍ୟ ସମସ୍ତ ସ୍ଥାନରେ କିଛି ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍ପିଡ୍ ପୋଷ୍ଟ କରିବାକୁ ନିୟମ ଥିବାବେଳେ ରେଲୱେ ମେଲ୍ ସର୍ଭିସ୍‌ରେ ସବୁ ସମୟରେ ଏହି ସେବା ଉପଲବ୍ଧ ହୋଇଥାଏ। ଯେଉଁଠାରେ ସମସ୍ତ ସ୍ପିଡ୍ ପୋଷ୍ଟକୁ ପଞ୍ଜୀକରଣ କରାଯାଇ ନିର୍ଦ୍ଧାରିତ ଠିକଣାକୁ ପଠାଯାଇଥାଏ। ହେଲେ ଏହି ପଞ୍ଜୀକରଣ ପ୍ରକ୍ରିୟାରେ ଗତ ଶନିବାରଠାରୁ ବାଧା ଉପୁଜିଛି। ସ୍ପିଡ୍ ପୋଷ୍ଟଗୁଡ଼ିକ ନିର୍ଦ୍ଧାରିତ ସମୟରେ ପହଞ୍ଚି ପାରି ନ ଥିବା ଅଭିଯୋଗ ହେଉଛି। ତେବେ ମଙ୍ଗଳବାର ସନ୍ଧ୍ୟା ୬ଟା ୧୦ରୁ ଏହାକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଥିବା ଜଣାପଡ଼ିଛି। ଆର୍‌ଏମ୍‌ଏସ୍‌ରେ ପୂର୍ବବାର ସ୍ପିଡ୍ ପୋଷ୍ଟ ସୁବିଧା ଯୋଗାଇ ଦିଆଯାଇଥିବା ଭାରତୀୟ ଡାକସେବାର ଭୁବନେଶ୍ୱର ନିର୍ଦ୍ଦେଶକ ଆଦିତ୍ୟ କୁମାର ନାୟକ କହିଛନ୍ତି। ଆର୍‌ଏମ୍‌ଏସ୍‌ରେ ସେବା ଦେଉଥିବା କମ୍ପ୍ୟୁଟରଗୁଡ଼ିକରେ କିଛି ଅନିଚ୍ଛାକୃତ ତ୍ରୁଟି ଦେଖାଦେଇଥିବାରୁ ଜନସାଧାରଣଙ୍କୁ ଏହି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା। ଖାଲି ସ୍ପିଡ୍ ପୋଷ୍ଟ ନୁହେଁ, ବରଂ ସାଧାରଣ ଡାକ ମଧ୍ୟ ପଠାଇ ହେଉ ନ ଥିଲା। ପ୍ରମୁଖ ସର୍ଭର ସହ ରେଲୱେ ମେଲ୍ ସର୍ଭିସ୍‌ରେ ଥିବା ସର୍ଭର ମ୍ୟାଚ୍ କରୁ ନ ଥିଲା। ଗତ ଦୁଇ ଦିନ ହେବ ଏହି ସବୁର ରକ୍ଷଣାବେକ୍ଷଣ ପାଇଁ ଡାକ ସେବା ପକ୍ଷରୁ ଟିସିଏସ୍ କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ତ୍ରୁଟି ସୁଧାରିବାକୁ ସାମାନ୍ୟ ବିଳମ୍ବ ଲାଗିଥିଲେ ହେଁ ସମସ୍ୟା ଦୂର ହୋଇଯାଇଛି। ରେଲୱେ ମେଲ୍ ସର୍ଭିସ୍‌ରେ ପୁଣି ଥରେ ସମସ୍ତ ସେବା କାର୍ଯ୍ୟକ୍ଷମ ହୋଇଥିବା ଆଦିତ୍ୟ କହିଛନ୍ତି।

# ଚର୍ଚ୍ଚାରେ ରାହୁଲ ମୋଦି

ନୂଆଦିଲ୍ଲୀ, ୪।୮

**ସିଭିଲ ସର୍ଭିସ୍ ପରୀକ୍ଷାରେ ୪୨୦ ର୍‌ୟାଙ୍କ୍ ହାସଲ**

ୟୁପିଏସ୍‌ସି ସିଭିଲ ସର୍ଭିସ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ମୋଟ ୮୨୯ ପ୍ରତିଯୋଗୀ ଏଥିରେ ସଫଳତା ହାସଲ କରିଛନ୍ତି। ହରିୟାଣାର ପ୍ରଦୀପ ସିଂ ଟପ୍ପର ହୋଇଥିବାବେଳେ ୪୨୦ ର୍‌ୟାଙ୍କରେ ଅଛନ୍ତି ରାହୁଲ ମୋଦି। ଏଭଳି ନାମକୁ ନେଇ ଅନେକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ରାହୁଲ (ଗାନ୍ଧୀ) କଂଗ୍ରେସର ଜଣେ ବରିଷ୍ଠ ନେତା ହୋଇଥିବାବେଳେ ମୋଦି (ନରେନ୍ଦ୍ର) ଭାଜପାର ଜଣେ ବିଚକ୍ଷଣ ନେତା ତଥା ଦେଶର ପ୍ରଧାନମନ୍ତ୍ରୀ। ରାହୁଲ ଗାନ୍ଧୀ ଓ ନରେନ୍ଦ୍ର ମୋଦି ରାଜନୀତି କ୍ଷେତ୍ରରେ ସାଧାରଣତଃ ପରସ୍ପରକୁ ବିରୋଧ କରିଆସୁଥିବା ବେଳେ ଏହି ଦୁଇ ନାମ ଧାରଣ କରିଥିବା ରାହୁଲ ମୋଦିଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଭାରତର ଦୁଇ ବଡ଼ ତଥା ପରସ୍ପର ବିରୋଧୀ ରାଜନେତାଙ୍କ ନାମକୁ ସେ ଧାରଣ କରିଛନ୍ତି। ପ୍ରଥମ ନାମ କଂଗ୍ରେସର ବରିଷ୍ଠ ନେତାଙ୍କର ହୋଇଥିବାବେଳେ ଶେଷ ନାମ ଭାଜପାର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀଙ୍କର। ଏଭଳି ନାମ ଏକ ବିଚିତ୍ର ସଂଯୋଗ ବୋଲି ମଧ୍ୟ କୁହାଯାଇପାରେ। ଏହାକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ଜୋର୍‌ଦାର ଚର୍ଚ୍ଚା ଆରମ୍ଭ ହୋଇଛି। ଅନେକ ଜୋକ୍ସ ଓ ଫନି କମେଣ୍ଟ ମଧ୍ୟ ଦେଖିବାକୁ ମିଳିଛି। ଏମିତିକି ଟପ୍ପରଙ୍କଠାରୁ ମଧ୍ୟ ୪୨୦ ର୍‌ୟାଙ୍କରେ ଥିବା ରାହୁଲ ମୋଦିଙ୍କୁ ନେଇ ସବୁଆଡ଼େ ଆଲୋଚନା କରାଯାଉଛି। ତାଲିକା ସାମ୍ନାକୁ ଆସିବା ପରଠାରୁ ଲୋକମାନେ ଏହାର ମଜା ନେବା ଆରମ୍ଭ କରିଦେଇଛନ୍ତି। ସିଭିଲ ସର୍ଭିସ୍ ପରୀକ୍ଷାରେ ରାହୁଲ ମୋଦି ୪୨୦ ର୍‌ୟାଙ୍କ୍ ହାସଲ କରି ଗୌରବ ଆଣିଦେଇଛନ୍ତି। ତାଙ୍କ ରୋଲ୍ ନମ୍ବର ୬୩୧୨୯୮୦। ଭଲ ର୍‌ୟାଙ୍କ ରଖିଥିବାରୁ ତାଙ୍କୁ ଆଇଏଏସ୍, ଆଇପିଏସ୍ କିମ୍ବା ଆଇଏଫ୍‌ଏସ୍ ପୋଷ୍ଟ ମିଳିବାର ସମ୍ଭାବନା ରହିଛି।

# 'ପ୍ରାପ୍ୟ ନ ଦେଲେ ରଥ ଖୋଲିବୁନି'

ପୁରୀ ଅଫିସ,୪।୮

**ମହାରଣା ସେବକଙ୍କ ଅସହଯୋଗ ଚେତାବନୀ**

ଚଳିତବର୍ଷ ତିନିରଥ ଭଙ୍ଗା ନ ଯାଇ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠରେ ସଂରକ୍ଷଣ କରି ରଖାଯିବ। ଶ୍ରୀମନ୍ଦିର ପ୍ରଶାସନର ଏହି ନିଷ୍ପତ୍ତି ପରେ ରଥ ଖୋଲା କାମ ଜାରିରହିଛି। ମାତ୍ର ଏଥିରେ ଅସହଯୋଗ ଚେତାବନୀ ଦେଇଛନ୍ତି ମହାରଣା ସେବକ। ସେମାନଙ୍କର କିଛି ପ୍ରାପ୍ୟ ଏପର୍ଯ୍ୟନ୍ତ ମିଳିନାହିଁ। ତେଣୁ ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପ୍ରାପ୍ୟ ନ ମିଳିଲେ ଆଗକୁ ରଥ ଖୋଲିବେନି ବୋଲି ସେମାନେ କହିଛନ୍ତି। ଫଳରେ ରଥଖୋଲାକୁ ନେଇ ବିବାଦ ଉପୁଜିଛି। ଅନ୍ୟପକ୍ଷରେ ମଙ୍ଗଳବାର ସୁଦ୍ଧା ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଖୋଲା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରୁ ବାହାରିଥିବା କାଠ ଗୁଣ୍ଡିଚା ମନ୍ଦିର ପରସରରେ ରଖାଯାଇଛି। ମୁଖ୍ୟ ପ୍ରଶାସକଙ୍କୁ ପ୍ରଦତ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଏଥର ତିନିରଥ ସଂରକ୍ଷଣ ନିଷ୍ପତ୍ତିରେ ସେମାନେ ସହଯୋଗ କରିଆସୁଛନ୍ତି। ମାତ୍ର ପ୍ରଶାସନଠାରୁ ସେମାନଙ୍କର କେତେକ ପ୍ରାପ୍ୟ ପାଉଣା ଆଜି ପର୍ଯ୍ୟନ୍ତ ମିଳିନାହିଁ। ଚଳିତବର୍ଷ ଯେଉଁ କାଠ କରତ କଳରେ ଚିରଟ ହେଲା ସେ ବାବଦରେ ଅର୍ଥାତ୍ ଗୋଟିଏ କାଠ ପିଛା ୨ ହଜାର ଟଙ୍କା ପାଇବେ ବୋଲି ଜଣାଇଥିଲେ। ପ୍ରତିବର୍ଷ ରଥ ଭଙ୍ଗା ଗଲେ ମହାରଣା ସେବକମାନେ ଦୁଆରବେଢା ନେଇଥାନ୍ତି। ତିନି ରଥରୁ ୧୨ଟି ଦୁଆର ବେଢା ବାହାରିଥାଏ। ଯେହେତୁ ଏଥର ସଂରକ୍ଷଣ କରାଯିବ ତେଣୁ ପ୍ରତି ଦୁଆରବେଢା ବାବଦ ୫୦ ହଜାର ଟଙ୍କା ଲେଖାଏ ମୋଟ ୬ଲକ୍ଷ ଟଙ୍କା ପାଇବେ। ପ୍ରଶାସନ ନିର୍ଦ୍ଦେଶ ଅନୁସାରେ ସେମାନେ ସବୁ କାମ କରୁଛନ୍ତି। ମାତ୍ର ରଥ କାମ ସରିଗଲା ପରେ ସେମାନଙ୍କ କଥା ବିଚାର କରାଯାଉ ନାହିଁ। ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ସେବକ ବିଜୟ କୁମାର ମହାପାତ୍ର କହିଛନ୍ତି, ରଥ ନିର୍ମାଣ ଅନୁକୂଳ ହେବାର ୧୨ ଦିନ ପରେ କାମ ଆରମ୍ଭ ହେଲା। ଏହି ୧୨ ଦିନର ମଜୁରି ବି ଏଯାଏ ମିଳିନାହିଁ। ଏମିତି ଅନ୍ୟ କେତେକ ପ୍ରାପ୍ୟ ପାଉଣା ସେମାନଙ୍କର ରହିଛି। ଯଥାଶୀଘ୍ର ସେମାନଙ୍କର ପ୍ରାପ୍ୟ ପ୍ରଦାନ କରାଯାଉ ବୋଲି ମହାରଣା ସେବକମାନେ ମୁଖ୍ୟ ପ୍ରଶାସକଙ୍କୁ ଜଣାଇଛନ୍ତି। ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା କହିଛନ୍ତି, ମହାରଣା ସେବକମାନେ ଯଦି କହୁଛନ୍ତି ତେବେ ଦୁଆରବେଢା ନିଅନ୍ତୁ। ନୂତନ ଭାବେ ଏହା ତିଆରି କରାଯିବ।


ଭୁବନେଶ୍ୱରସ୍ଥିତ ବିନ୍ଦୁସାଗରରେ ମଙ୍ଗଳବାର ଜଣେ ବ୍ୟକ୍ତି ପଦ୍ମଫୁଲ ତୋଳୁଛନ୍ତି।

# କରୋନା ନିୟନ୍ତ୍ରଣ ପ୍ରାଥମିକତା

ଖୋର୍ଦ୍ଧା ଅଫିସ,୪।୮


ଜିଲାପାଳ ସନତ୍ କୁମାର ମହାନ୍ତି।

ଖୋର୍ଦ୍ଧା ଜିଲାର ନୂତନ ଜିଲାପାଳ ଭାବେ ମଙ୍ଗଳବାର ସନତ୍‌କୁମାର ମହାନ୍ତି ଯୋଗ ଦେଇଛନ୍ତି। ସେ ପୂର୍ବତନ ଜିଲାପାଳ ଶୀତାଂଶୁ କୁମାର ରାଉତଙ୍କଠାରୁ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲାପାଳ ମହାନ୍ତି କହିଛନ୍ତି, ଖୋର୍ଦ୍ଧା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। କରୋନା ନିୟନ୍ତ୍ରଣ, ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ଥଇଥାନ ଓ ଜୀବନ ଜୀବିକାକୁ ପ୍ରାଥମିକତା ଦିଆଯିବ। ଖରିଫ ଋତୁରେ ସ୍ୱଳ୍ପବୃଷ୍ଟି ଯୋଗୁ ଧାନ ଓ ଅଣଧାନ ଫସଲ ଅମଳରେ ଯେପରି ବାଧାସୃଷ୍ଟି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ଜିଲାର ଉନ୍ନୟନ କାର୍ଯ୍ୟ ଓ ଏମ୍‌ଜିଏନ୍‌ଆରଇଜିଏସ୍‌କୁ ତ୍ୱରାନ୍ୱିତ କରାଯିବ। ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଅନୁଜ ପଟ୍ଟନାୟକ, ଡିଆରଡିଏ ପିଡି ଦିଗନ୍ତ ରାଉତରାୟ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ ସ୍ୱାଇଁ, ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ପ୍ରମୁଖ ନୂତନ ଜିଲାପାଳ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ପୂର୍ବତନ ଜିଲାପାଳ ରାଉତଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦେଇଥିଲେ।

# ରାଜଧାନୀରେ ୧୪୯ ପଜିଟିଭ

ଭୁବନେଶ୍ୱର, ୪।୮(ବ୍ୟୁରୋ)

କିଛିଦିନ ହେଲା ଭୁବନେଶ୍ୱରରେ ଆକ୍ରାନ୍ତ ସଂଖ୍ୟା କମୁଥିବାବେଳେ ମଙ୍ଗଳବାର ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି। ମଙ୍ଗଳବାର ୧୪୯ ନୂଆ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୯୮ଜଣ ସଙ୍ଗରୋଧରୁ ଓ ୫୧ ଜଣ ସ୍ଥାନୀୟ ସଂକ୍ରମିତ ଥିବା ଜଣାପଡ଼ିଛି। ଏବେ ସୁଦ୍ଧା ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୨୧୭ ଛୁଇଁଛି। ଗତ ୨୪ ଘଣ୍ଟାରେ ୧୪୫ ଜଣ ସୁସ୍ଥ ହୋଇଥିବାରୁ ଏମାନଙ୍କ ସଂଖ୍ୟା ୧୯୪୩ରେ ପହଞ୍ଚିଛି। ଅନ୍ୟ ୧୨୫୪ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ବିଏମ୍‌ସି ସୂଚନା ଦେଇଛି। ମଙ୍ଗଳବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ସିରିପୁର କନ୍ଦସାହିର ୧୪, ସାଲିଆସାହିର ୧୪, ନୟାପଲ୍ଲୀ ବ୍ରିଟ୍ କଲୋନୀର ୭, ୟୁନିଟ୍-୬ର ୪, ଡୁମୁଡୁମା ରଘୁନାଥ ନଗରର ୬, ଖଣ୍ଡଗିରିତପୋବନ ବସ୍ତି ଓ ବଡଗଡ ବ୍ରିଟ୍ କଲୋନୀରୁ ୩ ଜଣ ଲେଖାଏ, ଅନ୍ୟ ଅଞ୍ଚଳରୁ ଜଣେ/ଦୁଇଜଣ ଲେଖାଏଁ ରହିଛନ୍ତି।

# ଜିମ୍, ମଲ୍ ଭଳି ଧର୍ମାନୁଷ୍ଠାନ ଖୋଲୁ

କଟକ ଅଫିସ,୪।୮

**ହାଇକୋର୍ଟରେ ପୁଣି ଏକ ଜନସ୍ୱାର୍ଥ ମାମଲା**

କୋଭିଡ୍ କଟକଣା ଯୋଗୁ ବନ୍ଦ ରହିଥିବା ଧର୍ମାନୁଷ୍ଠାନ ଖୋଲିବା ପାଇଁ ମଙ୍ଗଳବାର ହାଇକୋର୍ଟରେ ଆଉ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। କଟକ ବାସିନ୍ଦା ଜୟନ୍ତ ବଳ ଏହି ମାମଲା କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, କରୋନାରେ ସର୍ବାଧିକ ଆକ୍ରାନ୍ତ ଆମେରିକାରେ ଧାର୍ମିକ ଅନୁଷ୍ଠାନ ଖୋଲା ରହିଛି। ଲକ୍‌ଡାଉନ ମଝିରେ କେନ୍ଦ୍ର ସରକାର ବନ୍ଦ ଥିବା ଧର୍ମାନୁଷ୍ଠାନ ଉପରୁ କଟକଣା ହଟାଇଥିଲେ ମଧ୍ୟ ରାଜ୍ୟ ସରକାର ତାହାକୁ ବଳବତ୍ତର ରଖିଛନ୍ତି। ଦେଶର ବୈଷ୍ଣୋଦେବୀ, କେଦାରନାଥ ଭଳି ଅନେକ ଧର୍ମାନୁଷ୍ଠାନ ଖୋଲା ରହିଛି। ପୁରୀ ଶ୍ରୀମନ୍ଦିର ଅଞ୍ଚଳରେ ବର୍ତ୍ତମାନ କଣ୍ଟେନ୍‌ମେଣ୍ଟ ଜୋନ୍ ନାହିଁ। ରାଜ୍ୟର ଅନ୍ୟ ପ୍ରମୁଖ ଧର୍ମସ୍ଥଳ ପାଖରେ ମଧ୍ୟ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇନାହିଁ। ତେଣୁ ଶ୍ରୀମନ୍ଦିର କିମ୍ବା ରାଜ୍ୟର ଅନ୍ୟ କୌଣସି ଧର୍ମାନୁଷ୍ଠାନ ବନ୍ଦ ରଖିବା ଅନୁଚିତ। ଯଦି ଜିମ୍, ଯୋଗକେନ୍ଦ୍ର, ମଲ୍, ମଦ ଦୋକାନ ଖୋଲା ରହୁଛି, ତେବେ ଧର୍ମସ୍ଥଳ ଖୋଲିବାରେ ଅସୁବିଧା କେଉଁଠି ବୋଲି ଏଥିରେ ପ୍ରଶ୍ନ କରାଯାଇଛି। ତୁରନ୍ତ ଧର୍ମାନୁଷ୍ଠାନ ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର, ଆଇନ ସଚିବ, ଶ୍ରୀମନ୍ଦିର ପରିଚାଳନା କମିଟି, ପୁରୀ ଜିଲାପାଳ, ପୁରୀ ଏସ୍‌ପି, ଦେବୋତ୍ତର କମିଶନର ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।

# 'ଶିକ୍ଷକ ସମାଜରେ ନନ୍ଦିନୀ ଦେବୀ ଚିର ସ୍ମରଣୀୟ'

କଟକ ଅଫିସ,୪।୮

ଉତ୍କଳ ପୂଜନ ପରିଷଦ ଓ ବିଦ୍ୟା ବିକାଶ ପରିଷଦ ପକ୍ଷରୁ ପିଠାପୁରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଛି। ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ ପୌରୋହିତ୍ୟ କରି କହିଥିଲେ, ନନ୍ଦିନୀ ଦେବୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ସାହାଯ୍ୟପ୍ରାପ୍ତ କଲେଜ, ସ୍କୁଲ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପ୍ରତ୍ୟକ୍ଷ ଦରମା ପ୍ରଦାନ କ୍ଷେତ୍ରରେ ତାଙ୍କର ମୁଖ୍ୟ ଭୂମିକା ଥିଲା। ଯାହା ପାଇଁ ଶିକ୍ଷକ ସମାଜରେ ସେ ଚିର ସ୍ମରଣୀୟ। ଅନ୍ୟମାନଙ୍କ ମଧ୍ୟରେ ଡ. ବସନ୍ତ ନନ୍ଦ, ରଞ୍ଜୁଲତା ମହାନ୍ତି, ଜନାର୍ଦ୍ଦନ ଦାସ, ମନିଷା ମହାପାତ୍ର, କନକ ମଞ୍ଜରୀ ବରାଳ, ପ୍ରଶାନ୍ତ ଭୂୟାଁ, ବୈରାଗୀ ଲେଙ୍କା ନନ୍ଦିନୀ ଦେବୀ, ପଣ୍ଡିତ ବଂଶୀଧର ଦାଶ ଉପସ୍ଥିତ ଥିଲେ।

# ୩ ଜଣଙ୍କ ଲାଏ ଡିଟେକ୍ସନ ଟେଷ୍ଟ ହୋଇପାରେ

ଭୁବନେଶ୍ୱର,୪।୮(ବ୍ୟୁରୋ)

**ଆଦିତ୍ୟ ମୃତ୍ୟୁ ମାମଲା**

- ଶେଷ ପୋଷ୍ଟକୁ ନେଇ ଫେସ୍‌ବୁକ୍ ଅଫିସକୁ କ୍ରାଇମ୍‌ବ୍ରାଞ୍ଚର ଚିଠି
- ୬ ମାସର ସିଡିଆର ରିପୋର୍ଟ ଯାଞ୍ଚ କରାଯାଉଛି

ମାନବପ୍ରେମୀ ଆଦିତ୍ୟ ଦାଶ ମୃତ୍ୟୁ ମାମଲାକୁ ମାସେ ବିତିବାକୁ ବସିଲାଣି। କିନ୍ତୁ କ୍ରାଇମ୍‌ବ୍ରାଞ୍ଚ ହାତରେ ସେଭଳି କିଛି ବଳିଷ୍ଠ ସୁରାକ ଲାଗିନାହିଁ। କେବଳ ଜିଆରପିର ତଦନ୍ତ ରିପୋର୍ଟ ଓ ସମସ୍ତ ବୟାନକୁ ନେଇ ଅନ୍ଧାରରେ ବାଡ଼ି ବୁଲାଉଛି କ୍ରାଇମ୍‌ବ୍ରାଞ୍ଚ ସ୍ପେଶାଲ ଟିମ୍। ତେବେ ଅଧିକ ତଦନ୍ତ କ୍ରମରେ ବିଦ୍ୟାଶ୍ରୀ, ବିକାଶ, ପପୁଙ୍କ ଲାଏ ଡିଟେକ୍ସନ କରିପାରେ କ୍ରାଇମ୍‌ବ୍ରାଞ୍ଚ।

ଆଦିତ୍ୟଙ୍କ ମୃତ୍ୟୁ ପୂର୍ବରୁ ଅର୍ଥାତ ୬ ତାରିଖ ରାତି ୭ଟା ୪୫ରେ ସେ କରିଥିବା ଶେଷ ପୋଷ୍ଟକୁ ନେଇ କ୍ରାଇମ୍‌ବ୍ରାଞ୍ଚ ଖୋଳତାଡ଼ କରୁଛି। ଆଦିତ୍ୟ ନିଜେ ଏହି ପୋଷ୍ଟ କରିଥିଲେ ନା ତାଙ୍କୁ ହତ୍ୟା କରାଯିବା ପରେ ଆତ୍ମହତ୍ୟା ରୂପ ଦେବାକୁ ଏଭଳି ପୋଷ୍ଟ କରାଯାଇଛି, ସେ ସମ୍ପର୍କିତ ବିସ୍ତୃତ ତଥ୍ୟ ଜାଣିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ଫେସ୍‌ବୁକ୍ ମୁଖ୍ୟାଳୟକୁ ଚିଠି ଲେଖିଛି। ଏହାସହ ଆଦିତ୍ୟଙ୍କ ୬ ମାସର ସିଡିଆର ରିପୋର୍ଟରେ ତନାଘନା ଚାଲିଛି। ସେ ନିୟମିତ କାହାସହ କଥା ହେଉଥିଲେ, ସେମାନଙ୍କ ସହ ଆଦିତ୍ୟଙ୍କ ସମ୍ପର୍କ, ପୂର୍ବରୁ ଆଦିତ୍ୟଙ୍କୁ ଧମକପୂର୍ଣ୍ଣ ଫୋନ୍ କିମ୍ବା ମେସେଜ ଆସିଛି କି, ଏଭଳି ଅନେକ ପ୍ରଶ୍ନର ଉତ୍ତର ଖୋଜିବାରେ ଲାଗିଛି ତଦନ୍ତକାରୀ ଟିମ୍। ଅନ୍ୟପକ୍ଷରେ ଆଦିତ୍ୟଙ୍କ ସ୍ତ୍ରୀ ବିଦ୍ୟାଶ୍ରୀ କ୍ରାଇମ୍‌ବ୍ରାଞ୍ଚ ଜେରା ବେଳେ ତାଙ୍କ ଭିତରେ ସେଭଳି ପାରିବାରିକ କଳହ ନ ଥିବା କହିଥିଲେ। ଏହାସହ ବିଦ୍ୟାଶ୍ରୀ ସ୍ୱାମୀଙ୍କ ମୃତ୍ୟୁ ପାଇଁ ବିକାଶ, ପପୁଙ୍କ ଉପରେ ଦୋଷ ଲଦୁଛନ୍ତି। ସେପଟେ ବିକାଶ, ପପୁ ଆଦିତ୍ୟଙ୍କ ମୃତ୍ୟୁ ପାଇଁ ପାରିବାରିକ କଳହକୁ କାରଣ ବୋଲି କହୁଛନ୍ତି। ଏଭଳି ଦୋଷ ଲଦାଲଦି ଭିତରେ କିଏ ସତ କହୁଛି ତାହା ଜାଣିବା ପାଇଁ ବିଦ୍ୟାଶ୍ରୀ, ବିକାଶ ଓ ପପୁଙ୍କ ଲାଏ ଡିଟେକସନ୍ ଟେଷ୍ଟ ହୋଇପାରେ। କ୍ରାଇମ୍‌ବ୍ରାଞ୍ଚ ଏଭଳି ଯୋଜନାରେ ଥିବା ପରୋକ୍ଷରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଜବତ ଡାଏରୀର ଲେଖା ଆଦିତ୍ୟ ଲେଖିଥିବା ଷ୍ଟେଟ ହ୍ୟାଣ୍ଡରାଇଟିଂ ବ୍ୟୁରୋ ରିପୋର୍ଟ ଦେଇଥିଲେ ମଧ୍ୟ ଏହାକୁ ପରିବାର ଲୋକ ବିଶ୍ୱାସ କରୁନାହାନ୍ତି। ଆଦିତ୍ୟଙ୍କୁ ହତ୍ୟା କରାଯିବା ପୂର୍ବରୁ ତାଙ୍କୁ ଧମକାଇ ଏହା ଲେଖାଯାଇଥିବା ପରିବାର ଲୋକେ କହୁଛନ୍ତି। ତେଣୁ ବିଦ୍ୟାଶ୍ରୀ, ବିକାଶ ଓ ପପୁଙ୍କ ହ୍ୟାଣ୍ଡରାଇଟିଂ ମଧ୍ୟ ଯାଞ୍ଚ କରାଯିବ।

# ଭକ୍ତ-ଭଗବାନ ଦର୍ଶନ ପ୍ରତିବନ୍ଧକ ହଟୁ

ପୁରୀ ଅଫିସ,୪।୮

**କୋଭିଡ୍ ନିର୍ଦ୍ଦେଶନାମା ପାଳନ ସହ ମିଳୁ ଦର୍ଶନ ସୁଯୋଗ**

ଦେଶର ପ୍ରମୁଖ ମନ୍ଦିର ମଧ୍ୟରୁ ଶ୍ରୀମନ୍ଦିର ଅନ୍ୟତମ। ଏଠାକୁ ପ୍ରତ୍ୟହ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଆସିଥାନ୍ତି। ସାଧାରଣ ଦିନଗୁଡ଼ିକରେ ପ୍ରାୟ ୬୦ରୁ ୭୦ ହଜାର ଦର୍ଶନାର୍ଥୀ ଆସୁଥିବାବେଳେ ଛୁଟି ତଥା ବିଭିନ୍ନ ପର୍ବପର୍ବାଣିରେ ଏହି ସଂଖ୍ୟା ଲକ୍ଷେ ଟପିଯାଇଥାଏ। ମହାପ୍ରଭୁଙ୍କ ପ୍ରତି ଥିବା ଆସ୍ଥା ଓ ବିଶ୍ୱାସକୁ ନେଇ କାହିଁ କେତେଦୂରରୁ ଶ୍ରଦ୍ଧାଳୁ ଛୁଟିଆସନ୍ତି ଶ୍ରୀକ୍ଷେତ୍ର। ହେଲେ ମହାମାରୀ କରୋନା ଏଥିରେ ପ୍ରତିବନ୍ଧକ ସାଜିଛି। କିଛିଦିନ କି କିଛି ମାସ ନୁହେଁ, ସାଢେ ୪ ମାସରୁ ଊର୍ଦ୍ଧ୍ୱ ହେବ ଭକ୍ତଙ୍କୁ ମନ୍ଦିର ପ୍ରବେଶ ବାରଣ କରାଯାଇଛି। ଏପରି କି ରଥଯାତ୍ରାରେ ବି ଭକ୍ତଙ୍କୁ ପ୍ରତ୍ୟକ୍ଷ ଦର୍ଶନ ସୁଯୋଗ ଦିଆଗଲା ନାହିଁ। ଏତେଦିନ ଧରି ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ରହି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଧୈର୍ଯ୍ୟ ଭାଙ୍ଗିଲାଣି। ମହାପ୍ରଭୁଙ୍କ ଦର୍ଶନ ପାଇଁ ମନ ବ୍ୟଥିତ ହେଲାଣି। ତେଣୁ ଯଥାଶୀଘ୍ର ମହାପ୍ରଭୁଙ୍କ ଦର୍ଶନ ସୁଯୋଗ ଦେବା ସହ ରାଜ୍ୟର ଅନ୍ୟ ଧର୍ମୀୟପୀଠ ଖୋଲିବାକୁ ଅନୁମତି ଦେବାକୁ ପୁରୀର ତ୍ରିଲୋଚନ ରଥ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା କରିଛନ୍ତି।

ସେ ଦର୍ଶାଇଛନ୍ତି ଯେ, କେନ୍ଦ୍ର ସରକାର ଅନ୍‌ଲକ୍-୧ରେ ଧର୍ମାନୁଷ୍ଠାନ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ। ଇତିମଧ୍ୟରେ ଅନ୍‌ଲକ୍-୩ରେ ପ୍ରାୟ ଅନେକ ଅନୁଷ୍ଠାନ ଖୋଲିଗଲାଣି। ମଦ ଦୋକାନ, ମଲ୍, ଜିମ୍, ଯୋଗକେନ୍ଦ୍ର ଆଦି ଖୋଲିପାରୁଥିବାବେଳେ ମନ୍ଦିର ଖୋଲିବାରେ ଅସୁବିଧା କେଉଁଠି ବୋଲି ଆବେଦନକାରୀ ପ୍ରଶ୍ନ କରିଛନ୍ତି। ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ପରେ ଶ୍ରୀମନ୍ଦିର ଖୋଲିବା ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ଭକ୍ତ ଦିଲୀପ ବରାଳ କହିଛନ୍ତି, ତାଙ୍କ ଭଳି ପ୍ରତ୍ୟହ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ଦର୍ଶନାର୍ଥୀ ଧୈର୍ଯ୍ୟ ହରାଇଲେଣି। କେତେଦିନ ଆଉ ଅପେକ୍ଷା କରିବେ। ମନ ବ୍ୟଥିତ ହେଲାଣି। କୋଭିଡ୍ ଗାଇଡ୍‌ଲାଇନ ପାଳନ କରି କିପରି ମହାପ୍ରଭୁଙ୍କୁ ଦର୍ଶନ କରିହେବ ସେହି ବ୍ୟବସ୍ଥା କରାଯିବା ଦରକାର। ଏଥିପାଇଁ ସରକାର ପଦକ୍ଷେପ ନିଅନ୍ତୁ।

ଏ ସମ୍ପର୍କରେ ଶ୍ରୀମନ୍ଦିର ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ସାଢେ ୪ ମାସରୁ ଊର୍ଦ୍ଧ୍ୱ ହେଲାଣି ଦର୍ଶନ ବନ୍ଦ ରହିଛି। ଏହାଦ୍ୱାରା ଭକ୍ତଙ୍କ ମନରେ ଅସନ୍ତୋଷ ବୃଦ୍ଧିପାଇଥିବା ବେଳେ ସେବାୟତ ପରିବାରର ଆର୍ଥିକ ସ୍ଥିତି ବି ଦୋହଲି ଗଲାଣି। ତଥାପି ଜୀବନ ଓ ଜୀବିକା ଦୁଇଟିକୁ କିପରି ସମାନ୍ତରାଳ ଭାବେ ସୁରକ୍ଷା ଦେଇହେବ ସେ ନେଇ ରାଜ୍ୟ ସରକାର ବ୍ୟବସ୍ଥା କରିବା ଦରକାର। କୋଭିଡ୍ ଗାଇଡ୍‌ଲାଇନ ପାଳନ ସହ ଭକ୍ତମାନେ ମହାପ୍ରଭୁଙ୍କୁ ଯେପରି ଦର୍ଶନ କରିପାରିବେ ସେ ବ୍ୟବସ୍ଥା ହେବା ଉଚିତ। ସମସ୍ତେ ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ରକ୍ଷା, ମନ୍ଦିର ପ୍ରବେଶ ପୂର୍ବରୁ ହାତ ସାଇଟାଇଜ୍, ମନ୍ଦିର ପରିସରରେ କୌଣସି ସ୍ଥାନକୁ ସ୍ପର୍ଶ ନ କରିବା ଏମିତି ଏକାଧିକ କଟକଣା କରାଯାଇ ଯଦି ଦର୍ଶନ ସୁଯୋଗ ମିଳେ ତେବେ ଭାବୁଛି କିଛି ସମସ୍ୟା ହେବ ନାହିଁ। ଆଉ ଗୋଟେ କଥା, ଏବେ ପୁରୀରେ ସଂକ୍ରମିତଙ୍କ ସଂଖ୍ୟା ବି ବଢୁଛି। ତେଣୁ ସବୁ ଦିଗକୁ ବିଚାର କରି ନିଷ୍ପତ୍ତି ନେବା ଶ୍ରେୟସ୍କର ବୋଲି ଦାସମହାପାତ୍ର କହିଛନ୍ତି।

## ନ୍ୟାୟ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଟୁଇଟ୍

**କଣ୍ଟାପଡା(ଡି.ଏନ୍.ଏ.):** ଓଲଟପୁରସ୍ଥିତ ଏସ୍ ଭି ନିର୍‌ତାରର ନିର୍ଦ୍ଦେଶକଙ୍କ କାର୍ ଉପରେ ଗତବର୍ଷ ଜୁଲାଇ ୩ରେ ବୋମାମାଡ଼ ହୋଇଥିଲା। ଏ ପର୍ଯ୍ୟନ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଧରିପାରି ନାହିଁ। ମାଷ୍ଟରମାଇଣ୍ଡଙ୍କୁ ଧରିବାରେ ପୋଲିସ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଫଳରେ ନିର୍‌ତାରର ଜଣେ ବରିଷ୍ଠ ଅଧିକାରୀ ନିର୍ଦ୍ଦେଶକଙ୍କୁ ନ୍ୟାୟ ଦେବାପାଇଁ ସୋମବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଟୁଇଟ୍ କରି ଜଣାଇଛନ୍ତି। ଘଟଣାଦିନ ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ ଅଫିସ କାର୍‌ରେ ଫେରୁଥିବାବେଳେ ତାଙ୍କ କାର୍ ଉପରକୁ ବୋମା ମାଡ଼ ହୋଇଥିଲା। ଏ ନେଇ ଥାନାରେ କେସନଂ ୫୭/୧୯ ରୁଜୁ କରି ପୋଲିସ ୫ଜଣଙ୍କୁ ଗିରଫ କରିଥିଲା।



## ସଂକ୍ଷେପରେ

### ଆଶାକର୍ମୀଙ୍କୁ ଗାଳିଗୁଲଜ କରି ୨ ଗିରଫ

**ପୁରୀ ଅଫିସ,୪।୮:** ପୁରୀ ମ୍ୟୁନିସିପାଲିଟିର ପେଣ୍ଟକଟା ଅଞ୍ଚଳରୁ ଅଧିକ ସଂଖ୍ୟାରେ କରୋନା ପଜିଟିଭ ବାହାରୁ ଥିବାରୁ ଆଶା କର୍ମୀମାନେ ଘର ଘର ବୁଲି ସର୍ଭେ କରୁଛନ୍ତି। ମାତ୍ର ସମ୍ପୃକ୍ତ ଅଞ୍ଚଳରେ କେତେଜଣ ସେମାନଙ୍କୁ ଗାଳି, ଦୁର୍ବ୍ୟବହାର ସହ ତାଙ୍କ ପରିବାର ସଦସ୍ୟଙ୍କୁ ଆକ୍ରମଣ କରାଯିବାର ଅଭିଯୋଗ ରହିଥିଲା। ଏ ନେଇ ସମୁଦ୍ରକୂଳ ପୋଲିସ ମଙ୍ଗଳବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପେଣ୍ଟକଟା ପିକି ଆପ୍ପାରାଓ ବରଫର ଏରିପିଲ୍ ଚିତ୍ତିବାବୁ (୪୦) ଓ ବନ୍ଧୁ ନାଗରାଜ ବରଫର ଓସିପିଲ୍ ଦେଉଡୁ (୫୨)। ଏମାନଙ୍କ ନାଁରେ ଗତମାସ ୨୬ ତାରିଖରେ ୩ଟି ମାମଲା (ନଂ.୧୧୮/୨୦, ୧୧୯/୨୦ ଏବଂ ୧୨୦/୨୦) ରୁଜୁ ହୋଇଥିଲା।

### ୨ ମହିଳା କରୋନା ଯୋଦ୍ଧାଙ୍କୁ ଦୁର୍ବ୍ୟବହାର

**ଗୋପ,୪।୮(ଡି.ଏନ୍.ଏ.):** ଗୋପ ଥାନା ଅଧୀନସ୍ଥ ବୀରତୁଙ୍ଗ ପଞ୍ଚାୟତର କଣ୍ଟି ଗ୍ରାମରେ ମଙ୍ଗଳବାର ୨ଜଣ ମହିଳା କରୋନା ଯୋଦ୍ଧାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଗ୍ରାମର ଦେବରାଜ ସ୍ୱାଇଁ। ଏ ନେଇ ପୋଲିସ ନଂ.୨୦୭/୨୦ରେ ମାମଲା ରୁଜୁ କରିଛି। ଏହି ଗ୍ରାମର ଜଣେ ବ୍ୟକ୍ତିଙ୍କ ସୋମବାର ଭୁବନେଶ୍ୱରରେ ମୃତ୍ୟୁ ଘଟିଥିଲା। ଏ ନେଇ ଗାଁର ଆଶାକର୍ମୀ ଲିଲି ବେହେରା ଓ ଅଙ୍ଗନୱାଡ଼ି କର୍ମୀ ପୁଷ୍ପାଞ୍ଜଳି ପାଳ ତାଙ୍କ ଘରେ ପହଞ୍ଚି ମୃତ୍ୟୁ ସମ୍ପର୍କରେ ପଚାରି ବୁଝିବାବେଳେ ଦେବରାଜ ସେମାନଙ୍କୁ ଗାଳି କରିଥିଲେ। ମହିଳାଦ୍ୱୟ ପ୍ରତିବାଦ କରିବାରୁ ଯୁବକଜଣଙ୍କ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିଲେ। ପରେ ସେମାନେ ସରପଞ୍ଚ ଶଶାଙ୍କ ଶେଖର ମହାପାତ୍ରଙ୍କ ସହ ଯାଇ ଅଭିଯୋଗ କରିଥିଲେ।

### ପୁରୀ: ପଜିଟିଭ ୯୦୦ ଟପିଲା

**ପୁରୀ ଅଫିସ,୪।୮:** ପୁରୀ ଜିଲାରେ କରୋନା ସ୍ଥିତି ଦିନକୁ ଦିନ ସଙ୍ଗିନ ହେବାରେ ଲାଗିଛି। ମଙ୍ଗଳବାର ଜିଲାରୁ ପୁଣି ୩୪ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଜିଲାରୁ ସର୍ବାଧିକ ମଙ୍ଗଳବାର ହିଁ ୧୨୧ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ପଜିଟିଭ ସଂଖ୍ୟା ୯୧୯ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୫୬୭ଜଣ ସୁସ୍ଥ ହୋଇଥିବା ବେଳେ ୩୪୬ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷେ ମଙ୍ଗଳବାର ଜିଲାର ଜଣେ ୫୭ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି। ଫଳରେ ଜିଲାର କରୋନାଜନିତ ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି। ମଙ୍ଗଳବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପୁରୀ ମ୍ୟୁନିସିପାଲିଟି ଅଞ୍ଚଳରୁ ୪ ଜଣ ରହିଥିବା ବେଳେ ବିଭିନ୍ନ ବ୍ଲକରୁ ୩୦ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମ୍ୟୁନିସିପାଲିଟିର ୫, ୧୬, ୧୭ ଓ ୨୭ ନମ୍ବର ୱାର୍ଡରୁ ଜଣେ ଲେଖାଏ ରହିଥିବା ବେଳେ ନିମାପଡ଼ା ବ୍ଲକରୁ ସର୍ବାଧିକ ୧୨ଜଣ, ପୁରୀ ସଦର ୬, ଗୋପ ୩, କୃଷ୍ଣପ୍ରସାଦ, ଅସ୍ତରଙ୍ଗ, କାକଟପୁରରୁ ୨ ଜଣ ଲେଖାଏ, ସତ୍ୟବାଦୀ, କଣାସ ଓ ଡେଲାଙ୍ଗ ବ୍ଲକରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ମଲ୍ଲିପୁର ପଞ୍ଚାୟତର ୨ଗାଁ ଶଟ୍‌ଡାଉନ

**ଖୋର୍ଦ୍ଧା ଅଫିସ,୪।୮:** ଖୋର୍ଦ୍ଧା ବ୍ଲକ ମଲ୍ଲିପୁର ପଞ୍ଚାୟତର ବିଙ୍କୁଡିଆ ଏବଂ ନୂଆପଡା ମୌଜାର ଭଗବତୀ ପ୍ରସାଦ ଗ୍ରାମରେ କରୋନା ସଂକ୍ରମଣ ରୋକିବାକୁ ସ୍ଥାନୀୟ ସରପଞ୍ଚ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଏହି ଦୁଇ ଗ୍ରାମକୁ ୭୨ଘଣ୍ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ମଙ୍ଗଳବାର ରାତି ୭ଟାରୁ ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଏହି ସମୟରେ କୌଣସି ବ୍ୟକ୍ତି ବାହାରକୁ ଯିବେ ନାହିଁ ଓ ବାହାର ବ୍ୟକ୍ତି ଏହି ଅଞ୍ଚଳରେ ପ୍ରବେଶ କରିବେ ନାହିଁ। ଜରୁରୀ ସ୍ୱାସ୍ଥ୍ୟସେବା ଲାଗି ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ସହଯୋଗ କରିବେ। ଲୋକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସରପଞ୍ଚ କହିଛନ୍ତି।

# କ୍ୟୁଆର୍ କୋଡ୍ ଜରିଆରେ ଠକେଇ

**ଭୁବନେଶ୍ୱର,୪।୮(ବ୍ୟୁରୋ)**

**ଲାପ୍‌ଟପ୍ ବିକିବା ଆଶାରେ ଠକାମିର ଶିକାର ହେଲେ ଇଞ୍ଜିନିୟର**

ପୋଲିସକୁ ଚ୍ୟାଲେଞ୍ଜ ଦେଇ ସାଇବର ଠକମାନେ ଦିନକୁ ଦିନ ନୂଆ ତରିକା ଆପଣାଉଛନ୍ତି। ଏବେ ସେମାନଙ୍କ ନଜରରେ ଓଏଲ୍‌ଏକ୍ସ ଭଳି ଅନେକ କିଣାବିକା ସାଇଟ୍। ଯେଉଁମାନେ ସାମଗ୍ରୀ ବିକ୍ରି କରିବା ପାଇଁ ବିଜ୍ଞାପନ ଦେଉଛନ୍ତି ଏହି ସାଇବର ଠକମାନେ ସେମାନଙ୍କୁ ଟାର୍ଗେଟ କରି ଠକେଇ କରୁଛନ୍ତି। ଏହିଭଳି ଠକେଇର ଶିକାର ହୋଇଛନ୍ତି ଜଣେ ସଫ୍ଟୱେର ଇଞ୍ଜିନିୟର। ସେ ହେଲେ ଏୟାରଫିଲ୍ଡ ଥାନା ଅଧୀନ ସୁନ୍ଦରପଦା ଆରାଧନା ନଗରରେ ରହୁଥିବା ଶ୍ରୀଚନ୍ଦ୍ରା ଶୁଭଦର୍ଶିନୀ। ସାଇବର ଠକ ତାଙ୍କ ଆକାଉଣ୍ଟରୁ ୩୯ ହଜାର ଟଙ୍କା ଠକେଇ କରି ନେଇଛନ୍ତି। ଏ ନେଇ ସେ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆଇଟି ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଶ୍ରୀଚନ୍ଦ୍ରା ଏକ ଲାପଟପ୍ ବିକ୍ରି କରିବା ପାଇଁ ଓଏଲ୍‌ଏକ୍ସରେ ଏକ ବିଜ୍ଞାପନ ଦେଇଥିଲେ। ଅଗଷ୍ଟ ୨ତାରିଖରେ ରାଜେଶ ନାମକ ବ୍ୟକ୍ତି ଏହି ବିଜ୍ଞାପନ ଦେଖି ଲାପ୍‌ଟପ୍ ନେବାକୁ ଇଚ୍ଛୁକ ଥିବା ଜଣାଇଥିଲେ। ତେଣୁ ଅଗ୍ରିମ ଆକାରରେ ଟଙ୍କା ଅନ୍‌ଲାଇନ୍‌ରେ ଦେବାକୁ ଚାହୁଁଥିବା ରାଜେଶ କହିଥିଲେ। ଏପରି କି ଶ୍ରୀଚନ୍ଦ୍ରାଙ୍କ ଫୋନ୍‌କୁ ଏକ କ୍ୟୁଆର୍ କୋଡ୍ ପଠାଇଥିଲେ। ଏହି କୋଡ୍‌କୁ ଗୁଗଲ ପେ' ସାହାଯ୍ୟରେ ସ୍କାନିଂ କରିବା ପରେ ତୁମ ଆକାଉଣ୍ଟକୁ ଅଗ୍ରିମ ଟଙ୍କା ଚାଲିଯିବ ବୋଲି ରାଜେଶ କହିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଶ୍ରୀଚନ୍ଦ୍ରା ଏହି କୋଡ୍‌କୁ ସ୍କାନିଂ କରିଥିଲେ। ସ୍କାନ କରିବାର ମାତ୍ର ୨ ମିନିଟ ମଧ୍ୟରେ ତାଙ୍କ ଆକାଉଣ୍ଟରୁ ୧୩ ହଜାର ଲେଖାଏ ୩ଥରରେ ମୋଟ ୩୯ ହଜାର ଟଙ୍କା କଟିଯାଇଥିଲା। ଶ୍ରୀଚନ୍ଦ୍ର ତାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ଫୋନ୍ ସୁଇଚ୍ ଅଫ୍ ରହିଥିଲା। ଶେଷରେ ଠକାମିର ଶିକାର ହୋଇଥିବା ଶ୍ରୀଚନ୍ଦ୍ର ଜାଣିବା ପରେ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷରେ ସାଇବର ଏକ୍ସପର୍ଟଙ୍କ କହିବା ଅନୁସାରେ, କେହି ଯଦି ଆପଣଙ୍କୁ କ୍ୟୁଆର୍ କୋଡ୍ ସ୍କାନ୍ କରି ଟଙ୍କା ପଠାଇବାକୁ କହୁଛନ୍ତି ତାହା ତାହା କରନ୍ତୁ ନାହିଁ। କାରଣ ଏହି ସ୍କାନ କରିବା ମାତ୍ରେ ତୁମ ଆକାଉଣ୍ଟର ପାସ୍‌ୱାର୍ଡ ଏବଂ ସବୁ କିଛି ତଥ୍ୟ ସାଇବର ଠକଙ୍କ ନିକଟକୁ ଚାଲିଯାଏ। ଯାହାଫଳରେ ସେମାନେ ଲୋକଙ୍କ ଆକାଉଣ୍ଟରୁ ସହଜରେ ଟଙ୍କା ଉଠାଇ ନେଇ ଯାଉଛନ୍ତି।

ସୂଚନାଯୋଗ୍ୟ, ଲକ୍‌ଡାଉନ୍ ୩ମାସରେ ଅଧିକ ମାତ୍ରାରେ ସାଇବର ଅପରାଧୀ ମାତିଛନ୍ତି। ରାଜଧାନୀର ବିଭିନ୍ନ ଥାନାରେ ୬ଟି ସାଇବରଜନିତ ମାମଲା ରୁଜୁ ହେଲାଣି। ତେବେ ଏପର୍ଯ୍ୟନ୍ତ ଏହି ସବୁ ମାମଲାରେ ପୋଲିସ କାହାରିକୁ ଗିରଫ କରିପାରି ନାହିଁ।



କଟକ ଦୋଳମୁଣ୍ଡାଇ ଛକସ୍ଥିତ ଏକ ଦୋକାନରୁ ମଙ୍ଗଳବାର ଜଣେ ଯୁବତୀ ଖୁଦୁରୁକୁଣୀ ମୂର୍ତ୍ତି କିଣୁଛନ୍ତି।

# ଆଜିଠାରୁ ୩ ମଣ୍ଡପର ଅନ୍‌ଲାଇନ୍ ବୁକିଂ

**ଭୁବନେଶ୍ୱର,୪।୮(ବ୍ୟୁରୋ)**

- ସଂସ୍କୃତି ଚର୍ଚ୍ଚା ଲୋକାର୍ପିତ
- ବିଭାଗୀୟ ପ୍ରମୁଖ ସଚିବଙ୍କୁ ବିଦାୟ ସମ୍ବର୍ଦ୍ଧନା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ରହିଥିବା ଭୁବନେଶ୍ୱରର ୩ଟି ମଣ୍ଡପ ରବୀନ୍ଦ୍ରମଣ୍ଡପ, ଉତ୍କଳମଣ୍ଡପ ଓ ଭଞ୍ଜକଳା ମଣ୍ଡପର ବୁକିଂ ଏଣିକି ଅନ୍‌ଲାଇନ୍‌ରେ ହୋଇପାରିବ। ମଙ୍ଗଳବାର ଅପରାହ୍ନରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ଏହି ଅନ୍‌ଲାଇନ୍ ବୁକିଂ ବ୍ୟବସ୍ଥାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ କରାଯାଇ ବିଭାଗକୁ ଅଧିକ କ୍ରିୟାଶୀଳ ଓ ଚଳଚଞ୍ଚଳ କରାଯାଉଛି। ଏହି ୩ଟି ମଣ୍ଡପର ସଂରକ୍ଷଣ ପାଇଁ ଏବେ କୌଣସି ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନକୁ ଅଯଥା ଧାଁଦଉଡ଼ କରିବାକୁ ପଡ଼ିବ ନାହିଁ। ଯେକୌଣସି ସ୍ଥାନରେ ରହି ଅନ୍‌ଲାଇନ୍ ବୁକିଂ କରାଯାଇପାରିବ। ଏହି କାର୍ଯ୍ୟ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହାୟତା ଯୋଗାଇ ଦେଇଥିବାରୁ ସେ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ରୁମା ଦେ, ନେଟୱାର୍କ-୧ ମହାପ୍ରବନ୍ଧକ ସି.ଏଲ୍.ଏନ୍ ଚାର୍ଯ୍ୟୁଲୁ ଏବଂ ଜାତୀୟ ସୂଚନା କେନ୍ଦ୍ର ବୈଷୟିକ ନିର୍ଦ୍ଦେଶକ ବିଭୁ ପ୍ରସାଦ ମିଶ୍ର ବକ୍ତବ୍ୟ ରଖି ଅନ୍‌ଲାଇନ୍ ବ୍ୟବସ୍ଥାର ସୁଦକ୍ଷ ପରିଚାଳନା ଓ ନିରପେକ୍ଷତା ବଜାୟ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ବ୍ୟବସ୍ଥାରେ ଦେୟ ବାବଦ ଅର୍ଥ ଷ୍ଟେଟ୍ ବ୍ୟାଙ୍କର ଇ-ପେ ମାଧ୍ୟମରେ ମଧ୍ୟ କରାଯାଇ ପାରିବ ବୋଲି ସେ କହିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶିକା ଡ. ଭାଗ୍ୟଲିପି ମଲ୍ଲ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଉପଲକ୍ଷେ ରାଜ୍ୟ ଅଭିଲେଖାଗାର ପକ୍ଷରୁ ପ୍ରକାଶିତ 'ସଂସ୍କୃତି ଚର୍ଚ୍ଚା'ର ପ୍ରଥମ ଖଣ୍ଡ ମନ୍ତ୍ରୀ ପାଣିଗ୍ରାହୀ, ଉପସ୍ଥିତ ଅତିଥି ଏବଂ ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ ସୁଲେମାନ୍ ଅଲ୍ଲୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଅନ୍ୟପକ୍ଷରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ କାର୍ଯ୍ୟଅବଧି ମଙ୍ଗଳବାର ଶେଷ ହେଉଥିବାରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂସ୍କୃତି ବିଭାଗ ଅଧୀନ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ବିଭାଗ ପ୍ରତି ପାଣିଗ୍ରାହୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ସଂଘମିତ୍ରା ଶତପଥୀ, ଲିପ୍ସା ଦାସ, ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା, ପ୍ରତ୍ନତତ୍ତ୍ୱ ବିଭାଗ କାର୍ଯ୍ୟକର୍ତ୍ତା ଅଶ୍ୱିନୀ ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ସୁଚିସ୍ମିତା ମନ୍ତ୍ରୀ, ଲଳିତ କଳା ଏକାଡେମୀ ସଚିବ ଗଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଫନୀ କ୍ଷତିଗ୍ରସ୍ତ ସଂଗ୍ରାମ ସମିତିର ଧାରଣା

**ବ୍ରହ୍ମଗିରି,୪।୮(ଡି.ଏନ୍.ଏ.):** ଫନୀ ବାତ୍ୟା କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ତରଫରୁ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବ୍ରହ୍ମଗିରି ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି। ଏଯାବତ ଅଧିକାଂଶ କ୍ଷତିଗ୍ରସ୍ତ ସହାୟତା ପାଇନାହାନ୍ତି। ଘରଭଙ୍ଗା ତଦନ୍ତ ବାରମ୍ବାର ହୋଇଥିଲେ ମଧ୍ୟ ବୃତ୍ତାନ୍ତ ରିପୋର୍ଟ ପ୍ରକାଶ ପାଇପାରୁନି। ଏହାର ସୁଯୋଗ ନେଇ ଗାଁ ଗାଁରେ ଦଲାଲମାନେ ମାତି କିଛି ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ଅଯୋଗ୍ୟ ହିତାଧିକାରୀଙ୍କୁ ଏହି ସହାୟତାରେ ସାମିଲ କରିଛନ୍ତି। ଫଳରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ଅନେକ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଛନ୍ତି। ଏଣୁ ନିଜର ହକ୍ ପାଇବା ପାଇଁ ସମିତି ସଦସ୍ୟ ବିଦ୍ୟାଧର ସ୍ୱାଇଁଙ୍କ ସଭାପତିତ୍ୱରେ କର୍ମକର୍ତ୍ତା ଭୀମସେନ ସ୍ୱାଇଁ, ରାଧାକାନ୍ତ ସାହୁ, ବ୍ରଜବନ୍ଧୁ ପ୍ରଧାନ, ଯୁଧିଷ୍ଠିର ନାୟକ, ସୁରେନ୍ଦ୍ର ଜେନା, ପୀତବାସ ବେହେରା ପ୍ରମୁଖ ଧାରଣାରେ ବସିଛନ୍ତି।

# ସାମାଜିକ ଗଣମାଧ୍ୟମରେ ଚାଷୀଙ୍କୁ ଯୋଡ଼ିବାକୁ ବିଭାଗର ପ୍ରୟାସ

**ଭୁବନେଶ୍ୱର,୪।୮(ବ୍ୟୁରୋ):** କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ପ୍ରଗତି ଦିଗରେ ସାମାଜିକ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ବିଭାଗ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଚାଷୀଙ୍କୁ ଯୋଡ଼ିବା ଲାଗି ପଦକ୍ଷେପ ନିଆଯାଉଛି। କରୋନା ସ୍ଥିତିରେ ଚାଷୀଙ୍କ ନିକଟରେ ପହଞ୍ଚିବା ଦିଗରେ ସାମାଜିକ ଗଣମାଧ୍ୟମ ବିଶେଷ ଫଳପ୍ରଦ ସାବ୍ୟସ୍ତ ହୋଇପାରିଥିବା କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି।

ମଙ୍ଗଳବାର ଏକ ଭର୍ଚୁଆଲ୍ ବୈଠକରେ ସାମାଜିକ ଗଣମାଧ୍ୟମର ବ୍ୟବହାର ଦିଗରେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଏହାର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ସାହୁ ସମୀକ୍ଷା କରିଛନ୍ତି। ପ୍ରାଣୀ ପାଳନ ଓ ପ୍ରାଣୀଚିକିତ୍ସା ଏବଂ ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରତି ପଞ୍ଚାୟତରେ ଚାଷୀଙ୍କ ହ୍ୱାଟସ୍‌ଆପ୍ ଗ୍ରୁପ୍ ଗଠନ କରି ସେମାନଙ୍କୁ ସିଧାସଳଖ ବିଭିନ୍ନ କୃଷି ସମ୍ବନ୍ଧୀୟ ବାର୍ତ୍ତା ଯୋଗାଇବା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ପଦକ୍ଷେପ ନିଆଯାଉଛି। ଏ ପର୍ଯ୍ୟନ୍ତ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ୯ ଲକ୍ଷ ୨୦ ହଜାରରୁ ଅଧିକ ଚାଷୀଙ୍କୁ ସାମିଲ କରାଯାଇଛି। ସେହିପରି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଟୋଲ୍ ଫ୍ରି ହେଲପ୍ ଲାଇନ୍ 'ଆମ କୃଷି'ରେ ୮ ଲକ୍ଷ ୭୫ ହଜାର ଚାଷୀଙ୍କୁ ସାମିଲ କରାଯାଇପାରିଛି। କୃଷି ବିଭାଗ ଟୁଇଟ୍‌ର ୨୭ ହଜାର ୨୦୦ ଜଣ ବ୍ୟବହାର କରିଥିବାବେଳେ ଏମ୍-କିଷାନ୍ ପୋର୍ଟାଲ୍ ଜରିଆରେ ପ୍ରାୟ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ବାର୍ତ୍ତା ଚାଷୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏହାସହ ପ୍ରତି ପଞ୍ଚାୟତସ୍ତରରେ ଅତି କମ୍‌ରେ ୨ଶହ କୃଷକଙ୍କୁ ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି।

# ସରକାରୀ ଅଧିକାରୀଙ୍କ ଉପରେ କଂଗ୍ରେସ ଲଦିଲା ଦୋଷ

**ଭୁବନେଶ୍ୱର,୪।୮(ବ୍ୟୁରୋ)**

ବିଧାନସଭାରେ ପାରିତ ହୋଇଥିବା ପ୍ରବେଶ କର ଆଇନର ବୈଧତା ସମ୍ପର୍କିତ ମାମଲାରେ ରାଜ୍ୟ ସରକାର ଜିତିଛନ୍ତି। ଏହି ମାମଲାରେ ଭୂଷଣ ଷ୍ଟିଲ୍ ଆଣ୍ଡ ପାୱାର କମ୍ପାନୀ ହାରିବା ପରେ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ କିମ୍ବା ରାଜନେତା ଏବଂ ବରିଷ୍ଠ ଅଧିକାରୀଙ୍କ କମ୍ପାନୀ ପ୍ରତି ଅହେତୁକ ଦରଦ ପାଇଁ ରାଜ୍ୟରେ ପ୍ରାୟ ୧୪୦ କୋଟି ଟଙ୍କା ବୁଡି ଯାଇଛି। ନେତା ଅମଲା ମିଳିମିଶି ସବୁ ଟଙ୍କା ଚଳୁ କରିଦେଇଛନ୍ତି ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଅଭିଯୋଗ କରିଛନ୍ତି। ମଙ୍ଗଳବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିଶିକାନ୍ତ କହିଛନ୍ତି, ବିଧାନସଭାରେ ପ୍ରଣୀତ ଓଡିଶା ପ୍ରବେଶ କର ଆଇନର ବୈଧତାକୁ ନେଇ ଭୂଷଣ ଷ୍ଟିଲ୍ ଆଣ୍ଡ ପାୱାର ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରି ହାରିବା ପରେ କ୍ଷତିରେ ଚାଲୁଛି। ଏହି କମ୍ପାନୀ ଋଣ ଶୁଝି ନ ପାରିବାରୁ ଇନ୍‌ସଲଭ୍ୟାନ୍‌ସି ବ୍ୟାଙ୍କ୍ରପ୍ସି କୋର୍ଡ ୨୦୧୬ ଅନୁଯାୟୀ ନ୍ୟାସନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ୍‌ଙ୍କ ଦ୍ୱାରସ୍ଥ ହୋଇଥିଲା। ଶୁଣାଣି ବେଳେ ୪୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଫାଇନାନ୍ସିଆଲ କ୍ରେଡିଟର ଏବଂ ଅପରେସନାଲ କ୍ରେଡିଟର ପାଇବାକୁ ଆକଳନ କରାଯାଇଛି। ଏଥିରୁ ସରକାରଙ୍କୁ ପ୍ରବେଶ କର ବାବଦ ୧୩୯ କୋଟି ୧୫ ଲକ୍ଷ ୮୦ ହଜାର ୫୦୪ ଟଙ୍କା ମିଳିବା କଥା। ଯାହା କମ୍ପାନୀ ଲ ଟ୍ରିବ୍ୟୁନାଲ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସରକାର ରେଗୁଲେଶନ ପ୍ରଫେସନାଲଙ୍କ ନିକଟରେ ତାଙ୍କ କ୍ଲେମ୍ ଦାଖଲ କଲେ ନାହିଁ। ଏହାସହ କମ୍ପାନୀ ଲ ଟ୍ରିବ୍ୟୁନାଲ ରେଗୁଲେଶନ ପ୍ରଫେସନାଲ ପ୍ଲାନକୁ ଆପ୍ରୁଭ୍ କରିବାର ୪୫ ଦିନ ମଧ୍ୟରେ ମଧ୍ୟ ଭୂଷଣ ଷ୍ଟିଲ୍ ଆଣ୍ଡ ପାୱାର ବିରୋଧରେ କୌଣସି ଅପିଲ୍ କଲେନାହିଁ। ଏଥିରୁ ଶାସକ ଦଳ ଜାଣିଶୁଣି ଉକ୍ତ ଟଙ୍କା ହଡପ କରିଥିବା ନିଶିକାନ୍ତ ଅଭିଯୋଗ କରିଛନ୍ତି। ଯଦି ଏଭଳି ହୋଇ ନାହିଁ ତେବେ ସରକାର ସୁପ୍ରିମ୍‌କୋର୍ଟରେ ଅପିଲ କରିବା ସହ ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି।

### ୧୫ ଯାଏ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୪।୮(ବ୍ୟୁରୋ):** ଅଗଷ୍ଟ ୨(କ୍ରାନ୍ତି ଦିବସ)ରୁ ୧୫ ତାରିଖ ଯାଏ ଓଡ଼ିଶା ମୋ ପରିବାର ତରଫରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କରୋନା ସ୍ଥିତିରେ ରାଜ୍ୟର ସ୍ୱେଚ୍ଛାକୃତ ରକ୍ତଦାନ ସଂଗ୍ରହ ହାର କମିଯାଇଥିବା ଉଦ୍‌ବେଗର ବିଷୟ। ଏହି ପରିପ୍ରେକ୍ଷୀରେ ରକ୍ତ ଆବଶ୍ୟକ କରୁଥିବା ରୋଗୀମାନେ ବିକଳ୍ପ ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓଡ଼ିଶା ମୋ ପରିବାର ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଓଡ଼ିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ମୁଖ୍ୟ ସଂଯୋଜକ ଦେବୀ ପ୍ରସାଦ ମିଶ୍ର, ସହ ମୁଖ୍ୟ ସଂଯୋଜକ ଅତନୁ ସବ୍ୟସାଚୀ ନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି। ରାଜ୍ୟରେ ପ୍ରାୟ ୨ ଲକ୍ଷ ୟୁନିଟ୍ ରକ୍ତ ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ସଂଗଠନରୁ ସଂଗୃହୀତ ହୋଇଥାଏ। ଏଥିରେ ଜୀବନ ବିନ୍ଦୁର ଉଲ୍ଲେଖନୀୟ ଯୋଗଦାନ ରହିଛି। ରକ୍ତ ଅଭାବକୁ ଦୂର କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ ନିଷ୍ପତ୍ତି ନିଆଯାଇଛି। ସପ୍ତାହ ବ୍ୟାପୀ ରକ୍ତଦାନ କାର୍ଯ୍ୟକ୍ରମକୁ ରାଜ୍ୟର ୩୦ଟି ଜିଲାରେ ସଫଳ କରିବା ପାଇଁ ଏମ୍‌ପି, ସ୍ଥାନୀୟ ବିଧାୟକ, ଜନପ୍ରତିନିଧି ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ମହିଳା ସଂଗଠନଗୁଡ଼ିକୁ ସାମିଲ କରିବାକୁ ଓଡ଼ିଶା ମୋ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

### ଅର୍ଥ ଲଗାଣକାରୀ ସଂସ୍ଥାର ୨କର୍ମଚାରୀ ପଜିଟିଭ

**ନିରାକାରପୁର,୪।୮(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଥିବା ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ୨ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସ୍ଥାନୀୟ ସରପଞ୍ଚ ଏହି ସଂସ୍ଥାର ମୁଖ୍ୟଙ୍କ ସହ ଆଲୋଚନା କରିବା ସହ ସମସ୍ତ କର୍ମଚାରୀ ସ୍ୱାବ୍ ପରୀକ୍ଷା ଲାଗି ପରାମର୍ଶ ଦେଇଛନ୍ତି। ଏନେଇ ସରପଞ୍ଚ ଖୋର୍ଦ୍ଧା ମେଡିକାଲ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସୂଚନାଥାଉ କି, କୋଭିଡ୍ ନିୟମକୁ ନ ମାନି ଉକ୍ତ ସଂସ୍ଥାର କେତେଜଣ କର୍ମଚାରୀ ଘରେଘରେ ବୁଲି ମାସିକିଆ ଓ ସାପ୍ତାହିକ କିସ୍ତି ଆଦାୟ କରନ୍ତି। କରୋନା ସମୟରେ କାମ ନ ପାଇ ଘରେ ବସି ରହିଥିବା ବେଳେ କେଉଁଠୁ ଟଙ୍କା ଆଣିବୁ ବୋଲି କହିବାରୁ ସେମାନଙ୍କୁ ଆଉ ଋଣ ମିଳିବ ନାହିଁ ବୋଲି କର୍ମଚାରୀମାନେ କହିଛନ୍ତି।

# କାମ୍ପା ପାଣ୍ଠି ଅନିୟମିତତାର ତଦନ୍ତ

**ଖୋର୍ଦ୍ଧା ଅଫିସ,୪।୮:** ଖୋର୍ଦ୍ଧା ବନଖଣ୍ଡ ଡିଭିଜନ ବାଲୁଗାଁ ବନାଞ୍ଚଳ ରେଞ୍ଜର କାମ୍ପା ପାଣ୍ଠିରେ ଲକ୍ଷାଧିକ ଟଙ୍କାର ଅନିୟମିତତା କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପ୍ରିନ୍ସିପାଲ ଚିଫ୍ କଞ୍ଜରଭେଟର ଅଫ ଫରେଷ୍ଟ (ପିସିସିଏଫ)ଙ୍କ ନିର୍ଦ୍ଦେଶକ୍ରମେ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ(ଆର୍‌ସିସିଏଫ) ୩ଜଣିଆ ଟିମ୍ ଗଠନ କରିଛନ୍ତି। ଏଥିରେ ନୟାଗଡ ଡିଭିଜନ ଏସିଏଫ୍ ଅରବିନ୍ଦ ମହାନ୍ତି, ଭୁବନେଶ୍ୱର ସିଟି ଡିଭିଜନ ଏସିଏଫ୍ ବିଜୟ କୁମାର ମହାନ୍ତି ଏବଂ ଆରସିଏଫ୍ ଭୁବନେଶ୍ୱର ସର୍କଲର ଏସିଏଫ୍ ସୁରେଶ ଚନ୍ଦ୍ର ପଣ୍ଡା ରହିଛନ୍ତି। ଏହି ଟିମ୍ ମଙ୍ଗଳବାର ଖୋର୍ଦ୍ଧା ଡିଭିଜନରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହ ବରବରା ଜଙ୍ଗଲକୁ ଯାଇଛି। ବାଲୁଗାଁ ରେଞ୍ଜର ଉତ୍ତମ ଗଡନାୟକଙ୍କ ସମେତ ସମସ୍ତ ଫରେଷ୍ଟ ଗାର୍ଡ ସହଯୋଗ କରିବା ଲାଗି ପିସିସିଏଫ୍‌ଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି।

# କୋଭିଡ୍ କେୟାର ସେଣ୍ଟର ଉଦ୍‌ଘାଟିତ

**ଖୋର୍ଦ୍ଧା ଅଫିସ,୪।୮**

ଖୋର୍ଦ୍ଧା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ନୂତନ ଜିଲାପାଳ ସନତ କୁମାର ମହାନ୍ତି ଦାୟିତ୍ୱ ଗ୍ରହଣ କରିବା ପରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ କୋଭିଡ୍ ନିୟନ୍ତ୍ରଣର ସମୀକ୍ଷା କରିଥିଲେ। ସନ୍ଧ୍ୟାରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୧୪୫ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର(କୋଭିଡ୍ ଯତ୍ନ କେନ୍ଦ୍ର)କୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲାପାଳ ଶୀତାଂଶୁ କୁମାର ରାଉତ, ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଅନୁଜ ପଟ୍ଟନାୟକ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଖୋର୍ଦ୍ଧା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାରେ ଆକ୍ରାନ୍ତ ସଂଖ୍ୟା ୨୫ଶହ ପାର୍

**କଟକ ଅଫିସ,୪।୮**

- ସହରରୁ ଆଉ ୭୨ ଆକ୍ରାନ୍ତ ଚିହ୍ନଟ
- ଏସ୍‌ସିବି ନ୍ୟୁରୋ ସର୍ଜରୀ ଡାକ୍ତର ପଜିଟିଭ୍

କଟକ ଜିଲାରେ ମଙ୍ଗଳବାର ୭୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ସହରରୁ ୭୨ଜଣ ସଂକ୍ରମିତ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୫୩୭ରେ ପହଞ୍ଚିଛି। ସେହିପରି ଗ୍ରାମାଞ୍ଚଳରେ ବାରଙ୍ଗରୁ ୬ ଓ କାନପୁର ଅଞ୍ଚଳରୁ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ୬୮ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

କଟକ ସହରରୁ ଚିହ୍ନଟ ପଜିଟିଭଙ୍କ ମଧ୍ୟରେ ମାଲଗୋଦାମ ତେଲୁଗୁ ସାହିରୁ ୩୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଉକ୍ତ ଅଞ୍ଚଳରେ ଦୁଇଦିନ ମଧ୍ୟରେ ମୋଟ ୮୨ ଜଣ ସଂକ୍ରମିତ ଚିହ୍ନଟ ହେଲେଣି। କିନ୍ତୁ ସିଏମ୍‌ସି ଏଯାଏ ଏହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିନାହିଁ। ସାଆନ୍ତ ସାହିରୁ ଆଉ ୫ ପଜିଟିଭ ବାହାରିଛନ୍ତି। ସେହିପରି ଚୌଧୁରୀ ବଜାର, ମଙ୍ଗଳାବାଗ ଓ ଷଣ୍ଢପୁରରୁ ୩ ଜଣ ଲେଖାଏ ଥିବାବେଳେ ତୁଳସୀପୁର ଅଞ୍ଚଳରୁ ୨ଜଣ ଚିହ୍ନଟ ହୋଇଛନ୍ତି। ଦୋଳମୁଣ୍ଡାଇ, ମେରିଆ ବଜାର, ଶଗଡ଼ିଆ ସାହି, ତେଲେଙ୍ଗା ବଜାର, ମର୍କତନଗର, ମଠସାହି, ପେନ୍‌ସନ୍ ଲେନ, ପ୍ରତାପନଗରୀ, ଫକୀରପଡ଼ା, ସୁତାହାଟ, ଅରୁଣୋଦୟ ନଗର ଓ ଲିଙ୍କରୋଡ୍‌ସ୍ଥିତ ଘରୋଇ ହସ୍ପିଟାଲରୁ ଜଣେ ଲେଖାଏ ପଜିଟିଭ ବାହାରିଛନ୍ତି।

ଏସ୍‌ସିବି ମେଡିକାଲରେ ମଙ୍ଗଳବାର ନ୍ୟୁରୋ ସର୍ଜରୀ ବିଭାଗର ଜଣେ ଡାକ୍ତରଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ ଆସିଛି। ଆକ୍ରାନ୍ତ ପୁରୁଷ ଡାକ୍ତରଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ଡାକ୍ତର କାହା ସଂସ୍ପର୍ଶରେ ଆସିଛନ୍ତି, ସେନେଇ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି। ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦିଆଯାଇଛି।

# ପଞ୍ଚାୟତ କାର୍ଯ୍ୟାଳୟ ଛାତରୁ ଖସି ଶ୍ରମିକ ମୃତ

**ମାହାଙ୍ଗା,୪।୮(ସ୍ୱ.ପ୍ର.)**

- କ୍ଷତିପୂରଣ ଦାବିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣା
- ମାହାଙ୍ଗା-କଟିକଟା ପୂର୍ତ୍ତରାସ୍ତା ଅବରୋଧ

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟର ଛାତରୁ ଖସି ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଡ଼ମମହେଶପୁର ଗ୍ରାମର ଶରତ ଚନ୍ଦ୍ର ଦାସ(୩୦)। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଧାରଣା ଦେବା ସହ ମାହାଙ୍ଗା କଟିକଟା ପୂର୍ତ୍ତରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଶରତ ପଞ୍ଚାୟତ କାର୍ଯ୍ୟାଳୟ ଛାତ ଉପରେ ପାଣି ଟାଙ୍କି ପାଇପ ଲାଇନ କାର୍ଯ୍ୟ କରୁଥିବାବେଳେ କୌଣସି କାରଣରୁ ତଳକୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ କୁଆଁପାଳ ଦମକଳବାହିନୀ ଘଟଣାସ୍ଥଳରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି



ସ୍ଥାନୀୟ ଲୋକେ ମାହାଙ୍ଗା-କଟିକଟା ପୂର୍ତ୍ତ ରାସ୍ତା ଅବରୋଧ କରିଛନ୍ତି।

ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶରତଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କ୍ଷତିପୂରଣ ଦାବିରେ ଧାରଣା ଓ ରାସ୍ତା ଅବରୋଧ ହେବାରୁ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ବିଡିଓ ନିହାରରଞ୍ଜନ ମଲିକ, ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ, ମାହାଙ୍ଗା ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ୍ ପକ୍ଷରୁ ୨୦ ହଜାର ଓ ବ୍ଲକ ପ୍ରଶାସନ ପକ୍ଷରୁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହାପରେ ମାହାଙ୍ଗା ଥାନା ପକ୍ଷରୁ ଶରତଙ୍କ ମୃତଦେହ ଜବତ କରାଯାଇ ଅପମୃତ୍ୟୁ ମାମଲା (ନଂ.୧୩/୨୦) ରୁଜୁ କରାଯାଇଛି।

